## ତୀର୍ଥଯାତ୍ରାରେ ଗଲେ ୩୧ ବରିଷ୍ଠ ନାଗରିକ

ବନ୍ତ,୬।୧ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୩୧ଜଣ ବରିଷ୍ଠ ନାଗରିକ ମଙ୍ଗଳବାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତୀର୍ଥଯାତ୍ରାରେ ଯାଇଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ସୀତାକାନ୍ତ ରାଉତ ତୀର୍ଥଯାତ୍ରୀ ଗାଡ଼ିକୁ ପତାକା ଦେଖାଇ ତୀର୍ଥଯାତ୍ରୀମାନଙ୍କର ଶୁଭକାମନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସମସ୍ତ ତୀର୍ଥଯାତ୍ରୀ ବାଲେଶ୍ୱରସ୍ଥିତ ନୋସି ପାର୍କଠାରେ ରହିବା ପରେ ବୁଧବାର ସକାଳେ ବାଲେଶ୍ୱର ରେଳ ଷ୍ଟେଶନରୁ ଟ୍ରେନ୍ ଯୋଗେ ଯାତ୍ରା କରି ରାମେଶ୍ୱରମ୍ ଓ ମଦୁରାଇ ପରିଭ୍ରମଣ କରିବେ। ୬ଦିନ ପରେ ସେମାନେ ଫେରିବେ ବୋଲି ଜଣାଯାଇଛି।

# ସିଏମ୍ କିଷାନ ଯୋଜନାରୁ ବାଦ୍ ପଡ଼ିବେ ୫୮୦୧ ଚାଷୀ

ତିହିଡ଼ି,୬।୧ (ସଞ୍ଜିତ ବଳ)

**ତିହିଡ଼ି ବ୍ଲକ୍**
- ହୋଇପାରିନି ରେକର୍ଡ ସଂଶୋଧନ
- ପୋର୍ଟାଲରେ ଅପ୍‌ଲୋଡ୍ କରିଛନ୍ତି ୧୧୫୬ ଚାଷୀ

ତିହିଡ଼ି ବ୍ଲକର ୩୧ ପଞ୍ଚାୟତରେ ୫୮୦୧ଜଣ ଚାଷୀ ସିଏମ୍ କିଷାନ ଯୋଜନାରୁ ବାଦ୍ ପଡ଼ିବା ଆଶଙ୍କା ଉପୁଜିଛି। ଏହି ଚାଷୀମାନେ ରେକର୍ଡ ସଂଶୋଧନ କରି ନ ଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଛି। ସୂଚନା ଅନୁଯାୟୀ, ବ୍ଲକର ୩୧ ପଞ୍ଚାୟତରେ ମୋଟ ୬୯୫୭ଜଣ ଚାଷୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ। ଆବଶ୍ୟକୀୟ ରେକର୍ଡ ସଂଶୋଧନ ପାଇଁ ସେମାନଙ୍କୁ ବାରମ୍ବାର ପରାମର୍ଶ ଦିଆଯାଇଥିଲେ ମଧ ମାତ୍ର ୧୧୫୬ ଚାଷୀ ସିଏମ୍ କିଷାନ ପୋର୍ଟାଲରେ ସଂଶୋଧିତ ରେକର୍ଡ ଅପ୍‌ଲୋଡ୍ କରିଥିବା ବେଳେ ବାକି ୫୮୦୧ଚାଷୀ ଏଥିରେ ଅବହେଳା ପ୍ରଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନଙ୍କ ନାଁ ଯୋଜନାରୁ କଟିଯିବାର ଆଶଙ୍କା ଦେଖାଦେଇଛି।

ଅଟକ ପଞ୍ଚାୟତରେ ୧୮୫, ବାହାବଳପୁରରେ ୧୭୩, ବାମନବିନ୍ଧାରେ ୧୨୧, ବାରସରରେ ୨୨୯, ବାରୋରେ ୧୭୩, ଭାଟପଡ଼ାରେ ୨୯୮, ବିଲଣାରେ ୧୧୨, ବୋଡ଼କରେ ୨୫୮, ଦୌଲତପୁରରେ ୨୦୪, ଦୋଳସାହିରେ ୨୧୮, ଫତେପୁରରେ ୧୫୧, ଗୋବିନ୍ଦପୁରରେ ୧୬୪, ଗୁଆମାଳରେ ୧୭୫, ହରସିଂହପୁରରେ ୧୫୯, ଜାମଯୋଡ଼ିରେ ୧୬୧, କାଁପଡ଼ାରେ ୨୯୭, କୋହ୍ଲରେ ୧୧୪, କୁବେରାରେ ୧୮୮ ଏବଂ ମହରମପୁରରେ ୧୩୫ ଚାଷୀ ଆବଶ୍ୟକ ରେକର୍ଡ ସଂଶୋଧନ କରିନାହାନ୍ତି। ସେହିପରି ମଙ୍ଗଳପୁରରେ ୧୦୫, ମୁକୁନ୍ଦପୁରରେ ୨୭୫, ନରେନ୍ଦ୍ରପୁରରେ ୨୧୧, ନୂଆନନ୍ଦରେ ୧୦୫, ପାଳିଆବିନ୍ଧାରେ ୧୭୩, ରାଜନଗରରେ ୧୮୮, ସାହାପୁରରେ ୪୦୧, ସୟାରେ ୨୭୬, ଶ୍ୟାମସୁନ୍ଦରପୁରରେ ୨୪୦, ସିନ୍ଦୋଳରେ ୧୫୧, ତଳଗୋପବିନ୍ଧାରେ ୭୮ ଏବଂ ତାଳପଦାରେ ୮୩ଜଣ ଚାଷୀ ରେକର୍ଡ ସଂଶୋଧନ କରି ନ ଥିବାରୁ ସେମାନେ ଯୋଜନାରୁ ବାଦ୍ ପଡ଼ିବେ ବୋଲି ଜଣାପଡ଼ିଛି। ତୁରନ୍ତ ନିକଟସ୍ଥ ଜନସେବା କେନ୍ଦ୍ରରେ ସିଏମ୍ କିଷାନ ପୋର୍ଟାଲରେ ଆବଶ୍ୟକ ରେକର୍ଡ ସଂଶୋଧନ କରି ଯୋଜନାରେ ସାମିଲ ରହିବାକୁ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଦିବ୍ୟାଙ୍ଗ ଛାତ୍ରୀଙ୍କୁ ମିଳିଲା ବ୍ୟାଟେରିଚାଳିତ ଗାଡ଼ି



ମୋନାଲିସାଙ୍କୁ ବ୍ୟାଟେରିଚାଳିତ ଗାଡ଼ି ପ୍ରଦାନ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅନ୍ୟମାନେ।

ଭଦ୍ରକ,୬।୧ (ସନାତନ ରାଉତ)

ଭଦ୍ରକ କଲେଜରେ ଯୁକ୍ତ ୩ ତୃତୀୟ ବର୍ଷର ଦିବ୍ୟାଙ୍ଗ ଛାତ୍ରୀ ମୋନାଲିସା ବେହେରାଙ୍କୁ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଏକ ବ୍ୟାଟେରି ଚାଳିତ ଗାଡ଼ି ପ୍ରଦାନ କରାଯାଇଛି। ଜିଲା ସଂସ୍କୃତି ଭବନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଜିଲାପାଳ ଦିଲୀପ ରାଉତରାଏ ମୋନାଲିସାଙ୍କୁ ଏହି ଗାଡ଼ି ପ୍ରଦାନ କରିଛନ୍ତି। ମନ୍ତ୍ରୀ ଓ ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗତ ଡିସେମ୍ବର ୨୯ରେ ୩ଚକିଆ ଗାଡ଼ି ଯୋଗାଇ ଦେବା ପାଇଁ ମୋନାଲିସା ଜିଲାପାଳଙ୍କୁ ଲିଖିତ ଆବେଦନ କରିଥିଲେ। ମୋନାଲିସାଙ୍କ ଘର ଭଦ୍ରକ ପୌରପାଳିକା ଅଧୀନ ମଠସାହି ୬ ନଂ. ୱାର୍ଡରେ ହୋଇଥିବା ବେଳେ ସେ ୮୦ ପ୍ରତିଶତ ଦିବ୍ୟାଙ୍ଗ। ତାଙ୍କୁ ଜଣେ ସମ୍ପର୍କୀୟ ଭାଇ କଲେଜକୁ ପାଠ ପଢ଼ିବା ପାଇଁ ନେବା ଆଣିବା କରୁଥିଲେ। ତାଙ୍କର ବ୍ୟକ୍ତିଗତ କାର୍ଯ୍ୟବ୍ୟସ୍ତତା ପାଇଁ ସେ ବ୍ୟସ୍ତ ରହୁଥିବାରୁ ତାଙ୍କୁ କଲେଜ ଯିବାରେ ସମସ୍ୟା ହେଉଥିବା ମୋନାଲିସା ଦରଖାସ୍ତରେ ଦର୍ଶାଇଥିଲେ। ତାଙ୍କର ଆବେଦନକୁ ବିଚାରକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଏହି ବ୍ୟାଟେରି ଚାଳିତ ଗାଡ଼ି ଯୋଗାଇ ଦିଆଯାଇଛି। ବ୍ୟାଟେରି ଚାଳିତ ଗାଡ଼ି ମିଳିବା ପରେ ମୋନାଲିସା ଖୁସିବ୍ୟକ୍ତ କରିବା ସହ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପୃଥକ୍ ସ୍ଥାନରୁ ୧୪୮ ଗ୍ରାମ୍ ବ୍ରାଉନସୁଗାର ଜବତ, ୩ ଗିରଫ

ଭଦ୍ରକ/ବାସୁଦେବପୁର,୬।୧ (ସନାତନ ରାଉତ/ ରବିନାରାୟଣ ଖିଲାର/କାଳିପଦ ରାୟ)

ଭଦ୍ରକ ଟାଉନ ଥାନା ଅଧୀନ ଚାରିଘରିଆ ଛକ ଏବଂ ସଦର ବ୍ଲକର ଇଚ୍ଛାପୁର ଛକସ୍ଥିତ କାର୍ମେଲ ସ୍କୁଲ ନିକଟରୁ ସୋମବାର ମୋଟ ୧୪୮ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିବା ବେଳେ ୩ ଯୁବକ ଗିରଫ ହୋଇଛନ୍ତି। ଅବକାରୀ ଟିମ୍ ଚାରିଘରିଆ ଛକ ନିକଟରେ ଚଢ଼ାଉ କରି ୧୨୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଏଥିରେ ସମ୍ପୃକ୍ତ ଆଗରପଡ଼ା ଥାନା ଅଧୀନ ବାଙ୍କତିରା ଗ୍ରାମର ବିଶ୍ୱରଞ୍ଜନ ନାୟକଙ୍କୁ ଗିରଫ କରିଥିଲା। ଭଦ୍ରକ ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ମମତା କୁମାରୀ ଦାସଙ୍କ ତତ୍ତ୍ୱାବଧାନରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୨ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଥାନାଧିକାରୀ ମୁର୍ମୁ କହିଛନ୍ତି। ଏନେଇ ଭଦ୍ରକ ଅବକାରୀ ଥାନାରେ ମାମଲା (ନଂ.୨୬୧/୨୫-୨୬) ରୁଜୁ ହୋଇଛି। ଏସ୍‌ଆଇ କ୍ଷୀରୋଦ ପାତ୍ର, କନ୍‌ଷ୍ଟେବଲ ଅଜିତ କୁମାର ସିଙ୍କୁ, ରୁଦ୍ରନାରାୟଣ ଦାସ, ସୁଦର୍ଶନ ପଲେଇ, ପରେଶ ଟୁଡୁ, ଜେମାମଣୀ ଜାମୁଦା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

ସେହିପରି ସାବରଙ୍ଗ ପୋଲିସ ଇଚ୍ଛାପୁର ଛକସ୍ଥିତ କାର୍ମେଲ ସ୍କୁଲ ନିକଟରୁ ତିହିଡ଼ି ଥାନା ଅଧୀନ କାଁପଡ଼ା ଗ୍ରାମର ଅଭିଷେକ ଦାସ(୨୫) ଓ ହାତୁଆରି ଗ୍ରାମର ଉତ୍ତମ କୁମାର ମହାଳିକ(୩୨)ଙ୍କଠାରୁ ୨୮ ଗ୍ରାମ୍ ବ୍ରାଉନସୁଗାର ଜବତ କରିଥିଲା। ଦୁଇଜଣଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ସାବରଙ୍ଗ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶରେ ସାବରଙ୍ଗ ଥାନାଧିକାରୀ ଶାନ୍ତନୁ କୁମାର ଜେନା ଏବଂ ଏସ୍‌ଆଇ ଜୟଶ୍ରୀ ଦାସ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ୯ ନଂ. ରାଜ୍ୟ ରାଜପଥର ଇଚ୍ଛାପୁର ଛକ ନିକଟ କାର୍ମେଲ ସ୍କୁଲଠାରେ ଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ୨ ଯୁବକ ଦ୍ରୁତଗତିରେ ଗାଡ଼ି ଚଳାଇ ଭଦ୍ରକ ଆଡୁ ଆସୁଥିଲେ। ପୋଲିସ ସେମାନଙ୍କୁ ଯାଞ୍ଚ କରିବାରୁ ଉଭୟଙ୍କଠାରୁ ବ୍ରାଉନସୁଗାର ମିଳିଥିଲା। ସେମାନଙ୍କଠାରୁ ୩ଟି ମୋବାଇଲ ଫୋନ୍ ଏବଂ ଏକ ବାଇକ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩/୨୬) ରୁଜୁ ହୋଇଛି। ଅଭିଷେକଙ୍କ ନାମରେ ପୂର୍ବରୁ ତିହିଡ଼ି ଥାନାରେ ୩ଟି ଓ ଉତ୍ତମଙ୍କ ନାମରେ ୫ଟି ଆପରାଧିକ ମାମଲା ରହିଛି।

# ଜିଲାସ୍ତରୀୟ ନିଯୁକ୍ତିମେଳା



ସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲାପାଳ ଦିଲୀପ କୁମାର ରାଉତରାଏ ଓ ଅନ୍ୟ ଅଧିକାରୀଙ୍କ ସହ ଆଶାୟୀ ଯୁବତୀ ଯୁବକ।

ଧୁଷୁରୀ, ୬।୧ (ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଧାମନଗର ବ୍ଲକର ଅସୁରାଳିଠାରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରିଣୀ ଅନିତା ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ। ଆତ୍ମନିର୍ଭରଶୀଳତା ତଥା ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ବଦ୍ଧପରିକର। ଭଦ୍ରକ ଜିଲାରେ ଏହାକୁ କାର୍ଯ୍ୟକାରୀ କରିବାକୁ ସୁଯୋଗ ସୃଷ୍ଟି କରାଯାଇଛି ବୋଲି ଏମ୍‌ପି ଓ ମନ୍ତ୍ରୀ କହିଥିଲେ। ଜିଲାପାଳ ଦିଲୀପ କୁମାର ରାଉତରାଏ, ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ ଓ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନିଯୁକ୍ତି ମେଳାରେ ୫୩ଟି ଷ୍ଟଲ୍ ଖୋଲିଥିଲା। ୧୩୬୯ ଯୁବତୀ ଯୁବକ ନିଜର ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୩୨୩ ଆଶାୟୀ ବିଭିନ୍ନ ସଂସ୍ଥାରେ ପ୍ରଶିକ୍ଷଣ ନେବାକୁ ଆଗ୍ରହ ପ୍ରକାଶ କରିଥିଲେ। ୧୨ଟି ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥାର ଅଧିକାରୀ ଯୋଗ ଦେଇଥିଲେ। ଏଥିସହ ୩୪ଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଏଥିରେ ଅଂଶଗ୍ରହଣ କରିଥିଲା। ସେମାନେ ୬୧୬ ଜଣଙ୍କୁ ପରବର୍ତ୍ତୀ ସମୟରେ ନିଯୁକ୍ତି ଦେବା ପାଇଁ ସ୍ଥିର କରିଥିବା ଜଣାଯାଇଛି। ଏହି ମେଳାରେ ୮ ଜଣଙ୍କୁ ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବାକୁ ନିଯୁକ୍ତି ଦିଆଯାଇଥିବା ବେଳେ ୨୭ ଜଣଙ୍କୁ ଶିକ୍ଷା ବିଭାଗରେ ଅନୁକମ୍ପାମୂଳକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ମନ୍ତ୍ରୀ ବିଭିନ୍ନ ଷ୍ଟଲ୍ ବୁଲି ଦେଖୁଥିବା ବେଳେ କେତେଜଣ ମହିଳା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ପଞ୍ଚାୟତରେ ମାସକୁ ୧୦୦ ଚାକିରି ଯୋଗାଇଦେବା ପ୍ରସଙ୍ଗରେ ପ୍ରଶ୍ନ କରିଥିଲେ।

## ବୈତରଣୀରୁ ନାବାଳିକାଙ୍କୁ ଉଦ୍ଧାର କରିଥିବା ଅଭୟଙ୍କୁ ସମ୍ବର୍ଦ୍ଧନା



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭୟ ସାମଲଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଚାନ୍ଦବାଲି,୬।୧ (କିଷାନ ପାତ୍ର)

କିଛିଦିନ ତଳେ ବୈତରଣୀ ନଦୀରୁ ଜଣେ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ଜୀବନ ବଞ୍ଚାଇଥିବା ଚାନ୍ଦବାଲି ନଗର ଭାଜପା ମଣ୍ଡଳ ସମ୍ପାଦକ ଅଭୟ ସାମଲଙ୍କୁ ଚାନ୍ଦବାଲି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରକାଶ ଯେ, ଗତ ଡିସେମ୍ବର ୨୪ରେ ଚାନ୍ଦବାଲିଠାରେ ଜଣେ ନାବାଳିକା ବୈତରଣୀ ନଦୀକୁ ଡେଇଁ ପଡ଼ିଥିଲେ। ନଦୀପଠାରେ ବୁଲୁଥିବା ଅଭୟ ନିଜ ଜୀବନକୁ ବାଜି ଲଗାଇ କୁମ୍ଭୀର ପ୍ରବଣ ଓ ଅଥଳ ଜଳରାଶିକୁ ଡେଇଁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ତାଙ୍କର ଏହି ସାହସିକତା ପାଇଁ ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ପ୍ରଶଂସା କରାଯାଇଥିଲା। ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଛି। ସୌଦାମିନୀ ଜେନା, ପ୍ରେମଲତା ବାରିକ, ଅଞ୍ଜନା ମହଲା, ଦୀପ୍ତିମୟୀ ଦାସ, ବନ୍ଦିତା ଦାସ, ପାର୍ବତୀ ସେଠୀ, ଅଞ୍ଜନା ସେନାପତି, ସସ୍ମିତା ନାୟକ, ସୁଷମା ପାତ୍ର, ଅସୀମା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ୪ର୍ଥ ସନ୍ଧ୍ୟା

ଭଦ୍ରକ,୬।୧ (ରବିନାରାୟଣ ଖିଲାର)

ମହୋତ୍ସବ ଦ୍ୱାରା ଭାଇଚାରା ସୃଷ୍ଟି ହେବା ସହ ଜିଲାର ଐତିହ୍ୟ ଓ ସଂସ୍କୃତିର ଗାରିମା ବୃଦ୍ଧି ହୋଇଥାଏ ବୋଲି ଭଦ୍ରକ ସହରର ଗାନ୍ଧୀପଡ଼ିଆଠାରେ ଚାଲିଥିବା ଭଦ୍ରକ ସାଂସ୍କୃତିକ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଅତିଥିମାନେ କହିଛନ୍ତି। 'ମହୋତ୍ସବ ଦ୍ୱାରା ଭାଇଚାରା ସୃଷ୍ଟି ଓ ଜିଲ୍ଲାର ଐତିହ୍ୟ, ସଂସ୍କୃତିର ଗାରିମା ବୃଦ୍ଧି' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରୋଟାରିଆନ ବାଦଲ ମହାପାତ୍ର ଏବଂ ବରେଣ୍ୟ ଅତିଥି ଭାବେ ରାଜ୍ୟ ଉତ୍କଳ ଯାଦବ ମହାସଭାର ସଭାପତି ହରେକୃଷ୍ଣ ପଲେଇ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉପଦେଷ୍ଟା ଡ.ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ ଏବଂ ଉପସଭାପତି ଚୈତାଳି ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ଲିପ୍ସା ମହାପାତ୍ର ସଙ୍ଗୀତ, ଗୀତ ସମ୍ରାଟ ମେଲୋଡ଼ି ଓ ଏଡିଏସ୍ ଡ୍ୟାନ୍ସ ଗ୍ରୁପ୍ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଉପଦେଷ୍ଟା ସ୍ମୃତିରଞ୍ଜନ ସାହୁ, ହରିହର ନାୟକ, ଅତିସ ବେହେରା, ପ୍ରଭାତ କୁମାର ଦାଶ, ଉମାକଲ୍ୟାଣ ମହାପାତ୍ର, ଓମ୍‌କାର, ଜଗନ୍ନାଥ ବେହେରା, ରମେଶ ପାଗଳ, ସୀତାକାନ୍ତ ବିଶ୍ୱାଳ, ତେଜସ୍ୱିନୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ




ପିଏମ୍‌ଶ୍ରୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ଭଣ୍ଡାରିପୋଖରୀ,୬।୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବଦତ୍ତ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ବିଡିଓ ଦେବଦତ୍ତ ଦାଶ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଫେସର ଡ. କ୍ଷୀରୋଦ କୁମାର ସାମଲ ମୁଖ୍ୟବକ୍ତା, ରହଣିଆ ମେଡିକାଲ ଅଫିସର ଡା. ଦେବଦତ୍ତ ପାଣିଗ୍ରାହୀ, ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ଧାମନଗର ହାଇସ୍କୁଲ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ଭଣ୍ଡାରିପୋଖରୀ ହାଇସ୍କୁଲ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ବାଲିପୋଖରୀ ହାଇସ୍କୁଲ ପ୍ରଧାନଶିକ୍ଷକ ଭଗବାନ ପ୍ରଧାନ, ଶିକ୍ଷା ସଂଯୋଜକ ତ୍ରିଲୋଚନ ନାୟକ, ପଞ୍ଚଶଖା ଶିକ୍ଷାସେତୁ ସଭାପତି ସନ୍ତୋଷ କୁମାର ଦାସ ଓ ଆଲୁମ୍ନି କମିଟି ସଭାପତି ରଞ୍ଜନ କୁମାର ବେହୁରିଆ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କ ସ୍ୱାଧୀନତା ରହିଲେ ଗୁଣାତ୍ମକ ଶିକ୍ଷାଦାନ ସମ୍ଭବ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ଇତିଶ୍ରୀ ନିବେଦିତା ଶାହା ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ତାପସ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସମାଜ ଗଠନରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାସୁଦେବପୁର,୬।୧ (କାଳିପଦ ରାୟ/ ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରାଞ୍ଚଳ ଅଧୀନ ପିଏମ୍‌ଶ୍ରୀ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ବିଦାୟୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ମୁଖ୍ୟବକ୍ତା ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର ଏବଂ ଅନ୍ୟତମ ଅତିଥି ଭାବେ ଆଲୁମ୍ନି କମିଟି ସଭାପତି ଅଭିମନ୍ୟୁ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ବେହେରା, ଏବିଇଓ ଅମିୟ କୁମାର ମହାଳିକ ପ୍ରମୁଖ ଯୋଗ ଦେଇଥିଲେ। ସମାଜ ଗଠନରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ତିଆରି କରି ଜୀବନରେ ସଫଳ ହେବାର ମାର୍ଗ ଗୁରୁମାନେ ଦେଖାଇଥାନ୍ତି ବୋଲି ଅତିଥିମାନେ କହିଥିଲେ। ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମନାଭ ଦାସ, ସହକାରୀ ଶିକ୍ଷୟିତ୍ରୀ ସଙ୍ଗୀତା ରାଉତ ଓ ସାବିତ୍ରୀ ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷାବିତ୍ ଦୁଃଶାସନ ରାଉତ ମଞ୍ଚ ପରିଚାଳନା କରିଥିଲେ। ଦିଲୀପ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରବୀନ୍ଦ୍ର ମହାକୁଡ଼ ଧନ୍ୟବାଦ ଦେଇଥିଲେ।

## ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ

ଚାନ୍ଦବାଲି,୬।୧ (ଅଶୋକ ପଣ୍ଡା)

ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଭ୍ୟର୍ଥନା ଗୃହରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାନ୍ଦବାଲି, ତିହିଡ଼ି ଓ ବାସୁଦେବପୁର ବ୍ଲକରୁ ଚିକିତ୍ସିତ ହେଉଥିବା ୯୫ଜଣ ଯକ୍ଷ୍ମା ରୋଗୀଙ୍କୁ ଧାମରା-ଆଦାନୀ ଫାଉଣ୍ଡେଶନ ପକ୍ଷରୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ଜିଲା ଯକ୍ଷ୍ମା ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଧାମରା-ଆଦାନୀ ଫାଉଣ୍ଡେଶନର ସିଏସ୍‌ଆର୍ ମୁଖ୍ୟ ଅକ୍ଷୟ କୁମାର ନାୟକ ଯୋଗଦେଇ ଯକ୍ଷ୍ମା ରୋଗୀମାନଙ୍କୁ ପୋଷଣ ପ୍ୟାକେଟ ବଣ୍ଟନ କରିଥିଲେ। ଜିଲା ଯକ୍ଷ୍ମା ସଂଯୋଜକ ନିବାସ ରଞ୍ଜନ ପାଢ଼ୀ, ସୁବାସିନୀ ପାଣିଗ୍ରାହୀ, ରାଜେଶ କୁମାର ସାହୁ, ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ଓ ଫାଉଣ୍ଡେଶନ କର୍ମଚାରୀ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଯକ୍ଷ୍ମା ସୁପରଭାଇଜର ସଞ୍ଜୟ କୁମାର ପାଟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଖଣି ବିଭାଗର ଚଢ଼ାଉ: ବାଲି, ମାଟି ବୋଝେଇ ୪ ଟ୍ରାକ୍ଟର ଜବତ

ଧାମନଗର,୬।୧ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)



ଜବତ ହୋଇଥିବା ମାଟି ବୋଝେଇ ଟ୍ରାକ୍ଟର।

ଧାମନଗର ତହସିଲ ଅଧୀନ ସୋହଡ଼ା ପଞ୍ଚାୟତର ଷେଣ୍ଡପୁର ନିକଟସ୍ଥ ବୈତରଣୀ ନଦୀପଠାରୁ ବେଆଇନ ବାଲି ଚାଲାଣ ନେଇ ଅଭିଯୋଗ ହେଉଥିଲା। ଖଣି ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ବାଲି ଓ ମାଟି ଚାଲାଣ ବେଳେ ୪ ଟ୍ରାକ୍ଟର ଜବତ କରାଯାଇଛି। ସୂଚନା ଅନୁଯାୟୀ, ସକାଳେ ବେଆଇନ ବାଲି ଚାଲାଣ କରୁଥିବା ଗୋଟିଏ ଟ୍ରାକ୍ଟରକୁ ଖଣି ବିଭାଗ ପକ୍ଷରୁ ଜବତ କରାଯାଇ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି। ଚଢ଼ାଉ ଦେଖି ଅନ୍ୟ ଟ୍ରକ୍ ଓ ଟ୍ରାକ୍ଟର ଯାଜପୁର ଜିଲା ଆଡ଼କୁ ପଳାଇ ଯାଇଥିଲେ। ସେହିପରି ଧାମନଗର କଲେଜ ନିକଟ ରାଣୀପୋଖରୀ ହୁଡ଼ା ନିକଟରେ ବେଆଇନ ମାଟି ଖନନ ଓ ଚାଲାଣ ବେଳେ ୩ ଟ୍ରାକ୍ଟରକୁ ଖଣି ବିଭାଗ ଜବତ କରିଛି। ଜବତ ହୋଇଥିବା ଟ୍ରାକ୍ଟରଗୁଡ଼ିକ ନମ୍ବର୍ ପ୍ଲେଟ୍ ନାହିଁ। ଜବତ ହୋଇଥିବା ଟ୍ରାକ୍ଟରଗୁଡ଼ିକୁ ଧାମନଗର ଥାନାରେ ଜିମା ଦିଆଯାଇଛି। ଜବତ ୪ ଟ୍ରାକ୍ଟର ଉପରେ ଲକ୍ଷାଧିକ ଟଙ୍କା ଫାଇନ୍ କରାଯିବା ନେଇ ଭଦ୍ରକ ଜିଲାର କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ କହିଛନ୍ତି।

## ଭଣ୍ଡାରିପୋଖରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଭଣ୍ଡାରିପୋଖରୀ,୬।୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। ପ୍ରଧାନଶିକ୍ଷକ ରତିକାନ୍ତ ବେହେରା କ୍ରୀଡ଼ା ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ଶିକ୍ଷକ ମାନସ କୁମାର ସାହୁଙ୍କ ପରିଚାଳନାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଜେନା ସଂଯୋଜନା କରିଥିବା ବେଳେ ଚନ୍ଦନ କୁମାର ସାମଲ, ମହାମାୟା ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ସାହୁ, ମନ୍ଦୋଦରୀ ସାହୁ, ତୁଳସୀ ବେହେରା, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ବର୍ଷାରାଣୀ ପଲକ, ଉର୍ମିଳା କୁମାରୀ ନାୟକ, ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗ ଦେଇଥିଲେ। ଶିକ୍ଷା କର୍ମଚାରୀ ସତ୍ୟଜିତ ଦାସ ଓ ଲମ୍ବୋଦର ଜେନା କ୍ରୀଡ଼ା ଉତ୍ସବରେ ସହଯୋଗ କରିଥିଲେ।

## ଦୋବଲ ଏସ୍‌ଏଜେ ସ୍କୁଲ ହେବ ମଡେଲ ସ୍କୁଲ



ଧାମନଗର, ୬।୧ (ଦେବେନ୍ଦ୍ର ଆନ୍ଦିଆ)

ସରକାରଙ୍କ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଧାମନଗର ବ୍ଲକର ଦୋବଲ ପଞ୍ଚାୟତ ଏସ୍‌ଏଜେ ସ୍କୁଲ ସ୍ଥାନ ପାଇଛି। ବୁଧବାର ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଜିଲାର ବାଣପୁରଠାରେ ଏହି ଯୋଜନାରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମ ରାଜ୍ୟର ସବୁ ଜିଲାରେ ଆଭାସୀ ମାଧ୍ୟମରେ ସିଧାସଳଖ ପ୍ରସାରିତ ହେବ। ଏହି ସ୍କୁଲରେ ବର୍ତ୍ତମାନ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏ ୩୨୨ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ବିଦ୍ୟାଳୟର ନିଜସ୍ୱ ୩.୦୩ ଏକର ଜମି ସହ ପାଖରେ ଥିବା ୧୯ ଏକର ସରକାରୀ ରାଜସ୍ୱ ଜମିକୁ ମିଶାଇ ମୋଟ ୨୨.୦୩ ଏକର ଜମି ରହିଛି। ଏଠାରେ ଉନ୍ନତମାନର ଶ୍ରେଣୀଗୃହ, ଆଧୁନିକ ଲାଇବ୍ରେରୀ, ଲାବୋରେଟୋରୀ, ଖେଳପଡ଼ିଆ, ହଷ୍ଟେଲ ଏବଂ ଶିକ୍ଷକମାନଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ କରାଯିବାର ଯୋଜନା ରହିଛି। ଜାତୀୟ ଶିକ୍ଷାନୀତି ଅନୁଯାୟୀ ଏଠାରେ ଶିକ୍ଷାଦାନ କରାଯିବ। ତୃତୀୟ ଶ୍ରେଣୀ ସୁଦ୍ଧା ପିଲାମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ ଶିକ୍ଷାରେ ଆଧୁନିକ ଟେକ୍ନୋଲୋଜି ବ୍ୟବହାର ହେବ। କେବଳ ପାଠ୍ୟପୁସ୍ତକ ନୁହେଁ, ବରଂ ପିଲାମାନଙ୍କର ସାମାଜିକ, ସାଂସ୍କୃତିକ ଏବଂ ବ୍ୟକ୍ତିତ୍ୱର ବିକାଶ ପାଇଁ ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକମାନେ କାର୍ଯ୍ୟ କରିବେ। 'ନିପୁଣ ଓଡ଼ିଶା' ଲକ୍ଷ୍ୟ ହାସଲ କରିବା ଏବଂ ପ୍ରାଥମିକ ସ୍ତରରୁ ପିଲାଙ୍କୁ ବୃତ୍ତିଗତ ଦକ୍ଷତା ପ୍ରଦାନ କରିବା ଏହି ଯୋଜନାର ଆଭିମୁଖ୍ୟ। ଏହି ସ୍କୁଲ ଯୋଜନାରେ ସାମିଲ ହୋଇଥିବାରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପୁରାତନ ଛାତ୍ରୀଛାତ୍ର ଖୁସିବ୍ୟକ୍ତ କରିଛନ୍ତି। ଉକ୍ତ ବିଦ୍ୟାଳୟର ଉନ୍ନତି ପାଇଁ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ପଣ୍ଡା, ସମିତିସଭ୍ୟା ଚୁନିଲତା ସାହୁ, ପରିଚାଳନା କମିଟି ସଭାପତି ତପନ କୁମାର ଦାସ ଓ ପ୍ରଧାନଶିକ୍ଷକ ବିଭୂତି ମିଶ୍ର ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଦାବି ଜଣାଇଥିଲେ। ଏହି ସ୍କୁଲ ମଡେଲ ସ୍କୁଲ ହେବାକୁ ଯାଉଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଡାକ୍ତରଙ୍କ ୨ ଘଣ୍ଟିଆ ଆନ୍ଦୋଳନ, ରୋଗୀ ହଇରାଣ

ଚମ୍ପୁଆ, ୬।୧(ମହେଶ୍ୱର ଦାସ):

ରାଜ୍ୟ ସଙ୍ଗଠନର ଡାକରାରେ ଡାକ୍ତରଙ୍କ ଘଣ୍ଟିକିଆ ଡ୍ୟୁଟି ଛାଡ଼ ଆନ୍ଦୋଳନ ଚାଲିଥିବା ବେଳେ ରୋଗୀସେବା ବାଧାପ୍ରାପ୍ତ ହେଉଥିଲା। ବର୍ତ୍ତମାନ ଡାକ୍ତରମାନଙ୍କ ଏହି ଆନ୍ଦୋଳନ ୨ ଘଣ୍ଟାକୁ ବୃଦ୍ଧି କରାଯାଇଥିବା ବେଳେ ଚିକିତ୍ସା ପାଇଁ ରୋଗୀମାନଙ୍କୁ ବହୁ ହଇରାଣ ହେବାକୁ ପଡୁଛି। ରୋଗୀମାନେ ୨ଘଣ୍ଟା ଧରି ଜଗି ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛିଦିନ ତଳେ ଓମ୍‌ସା (ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏଶନ) ପକ୍ଷରୁ ୧୭ ଦଫା ଦାବି ନେଇ ଡାକ୍ତରମାନେ ଘଣ୍ଟିକିଆ ବହିର୍ବିଭାଗ ଡ୍ୟୁଟି ବନ୍ଦ ରଖିଥିଲେ। ଏବେ ୨ ଘଣ୍ଟାକୁ



ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ।

ବୃଦ୍ଧି କରିଛନ୍ତି। ଓମ୍‌ସାର ଆନ୍ଦୋଳନ ଡାକରାକୁ ସମର୍ଥନ ଜଣାଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରମାନେ ସୋମବାରଠାରୁ ବହିର୍ବିଭାଗ ଡ୍ୟୁଟି ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ବନ୍ଦ ରଖିବା ଫଳରେ ରୋଗୀମାନଙ୍କୁ ଲମ୍ବା ଲାଇନରେ ଅପେକ୍ଷା କରିବାକୁ ପଡୁଛି। ଏହି ଚିକିତ୍ସାଳୟ ଉପରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସମେତ ମୟୂରଭଞ୍ଜ ଜିଲା ଓ ଝାଡ଼ଖଣ୍ଡ ରାଜ୍ୟର ରୋଗୀ ଦୈନିକ ନିର୍ଭର କରନ୍ତି। ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ରୋଗୀସେବା ପ୍ରଭାବିତ ହେବା ସହ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଚିକିତ୍ସା ପାଇଁ ଦୀର୍ଘ ସମୟ ଧରି ଲମ୍ବା ଲାଇନରେ ଛିଡ଼ା ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ଗାଈ, ଛେଳି ଚୋର ସକ୍ରିୟ

## ନେଇଗଲେ ୬ ଛେଳି, ୧ ବଳଦ

ଢେଙ୍କିକୋଟ: ୬।୧(ନୀଳମଣି ମଣ୍ଡଳ):

କେନ୍ଦୁଝର ଜିଲା ଘଟଗାଁ ଥାନା ବଡଜାମୁପଶି ଗ୍ରାମରେ ଗାଈ ଛେଳି ଚୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ସୋମବାର ଅପରାହ୍ନ ଗୋଟାଏ ପଞ୍ଚାୟତ ଅନ୍ତର୍ଗତ ନଳବିଲା ଗ୍ରାମରୁ ଦୁର୍ବୃତ୍ତମାନେ ଏକ ଧଳା ବୋଲେରୋରେ ଆସି ଗ୍ରାମର ମଧୁର ମହାନ୍ତ ଘର ଗୁହାଳ ଘରୁ ୫ଟି ଖାସି ଛେଳି, ଗୋଟିଏ ମାଈ ଛେଳି, ବିଦ୍ୟାଧର ମହାନ୍ତଙ୍କ ଗୁହାଳ ଘରୁ ୨ଟି ବଳଦକୁ ନେଇ ଯାଇଛନ୍ତି। ଦୁର୍ବୃତ୍ତମାନେ ସାଙ୍ଗରେ ଏକ କେମିକାଲ ନେଇଆସୁଛନ୍ତି। ସେମାନେ ସେହି କେମିକାଲକୁ ଛେଳି, ଗାଈ, ବଳଦକୁ ଶୁଙ୍ଘାଇ ଦେବା ଫଳରେ ସେମାନେ ସଂଜ୍ଞାହୀନ ହୋଇପଡୁଛନ୍ତି। ଫଳରେ ସେମାନେ ତୁରନ୍ତ ବୋଲେରୋରେ ଭର୍ତ୍ତି କରି ନେଇଯାଉଛନ୍ତି। ଦୁର୍ବୃତ୍ତମାନେ ତୁରନ୍ତ ବୋଲେରୋ ନେଇ ଦ୍ରୁତଗତିରେ ଘଟଗାଁ ଅଭିମୁଖେ ପଳାଇଯାଇଥିଲେ। ଫଳରେ ମଧୁର ମହାନ୍ତ ତୁରନ୍ତ ୧୧୨ ନମ୍ବରକୁ କଲ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ତୁରନ୍ତ ନଳବିଲା ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ ଛାନଭିନ କରିଥିଲା। ଏ ସମ୍ପର୍କରେ ମଧୁର ମହାନ୍ତ ଓ ବିଦ୍ୟାଧର ମହାନ୍ତ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିଦ୍ୟାଧର ମହାନ୍ତଙ୍କ ଗୋଟିଏ ବଳଦକୁ ବୋଲେରୋରେ ଭର୍ତ୍ତି କରି ନ ପାରିବାରୁ ସେ ଖସି ପଳାଇ ଆସିଥିବା ସେ ପ୍ରକାଶ କରିଛନ୍ତି। ତେବେ ୧୫ ଦିନ ହେବ ପଣ୍ଡାପଡା ଥାନା ଅଞ୍ଚଳରେ ଏକ ମାରୁତି ଅଲ୍ଟୋ କାର୍‌ରୁ ୧୧ଟି ଛେଳି ଚୋରି କରି ନେଉଥିବା ବେଳେ ଗ୍ରାମବାସୀ ପୋଲିସ ଜିମା ଦେଇଥିଲେ।

# ତୀର୍ଥଯାତ୍ରାରେ ଗଲେ ୧୪୦ ବରିଷ୍ଠ ନାଗରିକ

କେନ୍ଦୁଝର,୬।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର) :

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳିତ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ରେ କେନ୍ଦୁଝର ଜିଲାରୁ ୧୪୦ ଜଣ ବରିଷ୍ଠ ନାଗରିକ ମଦୁରାଇ ଓ ରାମେଶ୍ୱରମ ଅଭିମୁଖେ ଯାତ୍ରା କରିଛନ୍ତି। ମଙ୍ଗଳବାର କେନ୍ଦୁଝର ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ପରିସରରୁ ଏହି ଯାତ୍ରାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ ଯୋଗଦେଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତୀର୍ଥଯାତ୍ରୀମାନଙ୍କର ସୁବିଧା ପାଇଁ ସ୍ୱତନ୍ତ୍ର


ଅଧିକାରୀମାନେ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ବ୍ୟବସ୍ଥା କରାଯାଇଛି। ଯାତ୍ରା ସମୟରେ ସମସ୍ତ ତୀର୍ଥଯାତ୍ରୀଙ୍କ ଦେଖାଶୁଣା, ଉପଯୁକ୍ତ ଖାଇବା ପିଇବା ଏବଂ ବିଶ୍ରାମ ସହିତ ଯାତ୍ରାକୁ ଆରାମଦାୟକ କରିବା ପାଇଁ ଏସ୍କର୍ଟ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିଥିଲେ। ଦୀର୍ଘ ଦିନରୁ ତୀର୍ଥ ଦର୍ଶନ ପାଇଁ ଆଶା ରଖିଥିବା ବରିଷ୍ଠ ନାଗରିକମାନେ ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଧାର୍ମିକ ସ୍ଥଳ ଭ୍ରମଣ କରିବାକୁ ଯାଉଥିବାରୁ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଛି।

# ଭାଜପା ପାଳିଲା ସେବା ଦିବସ


ରକ୍ତଦାନ ଶିବିରରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

କେନ୍ଦୁଝର,୬।୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ) :

କେନ୍ଦୁଝର ମାଟିର ନେତା ତଥା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନକୁ ମଙ୍ଗଳବାର ଭାଜପା କେନ୍ଦୁଝର ଜିଲା ପକ୍ଷରୁ ଧୁମଧାମରେ ପାଳନ କରାଯାଇଛି। ଜିଲା ସଭାପତି ଶୁକଦେବ ମହାନ୍ତଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ଜନ୍ମ ଦିନକୁ ଭାଜପା କର୍ମୀମାନେ ସେବା ଦିବସ ଭାବରେ ପାଳନ କରିଛନ୍ତି। ଏହି ଅବସରରେ ଜିଲା ଭାଜପା କାର୍ଯ୍ୟାଳୟରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ରକ୍ତଦାତା ଏବଂ ଉଦ୍ୟୋକ୍ତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଜିଲା ସଭାପତି ଶୁକଦେବ ମହାନ୍ତ ଏବଂ ତେଲକୋଇ ବିଧାୟକ ଡା. ଫକୀରମୋହନ ନାଏକ, ସାଂସଦଙ୍କ ଜିଲା ପ୍ରତିନିଧି ହରିହର ମହାନ୍ତ ଏବଂ ବରୋଦା ସାହୁ, ଜିଲା ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ ଓ ଜିଲା ନେତୃବୃନ୍ଦ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିପୁଳ ଜନ ସମର୍ଥନ ଭିତରେ ଜିଲା ରକ୍ତ ଭଣ୍ଡାର ସହିତ କଟକ ଏବଂ କରଞ୍ଜିଆରୁ ଆସିଥିବା ରକ୍ତଭଣ୍ଡାର କର୍ମୀମାନେ ସମୁଦାୟ ୯୫୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଯୋଡ଼ାରେ ମଧ୍ୟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ସୂଚନା ମିଳିଛି।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର

ଯୋଡ଼ା,୬।୧(ମାନସ ମହାନ୍ତି):

ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ମଙ୍ଗଳବାର କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାରେ ଥିବା ଅଶାର ଦ୍ୱାର ଫାଉଣ୍ଡେଶନ ପକ୍ଷରୁ ଯୋଡ଼ା କଲ୍ୟାଣ ମଣ୍ଡପଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର, ଯୋଡ଼ା ପୌର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଓ ବିଶ୍ୱ ହିନ୍ଦୁ ପରିଷଦର ଯୋଡ଼ା ସଭାପତି ରଞ୍ଜିତ ମହାକୁଡ଼ ଯୋଗ ଦେଇଥିଲେ। ଚମ୍ପୁଆ ଡାକ୍ତରୀ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ଫାଉଣ୍ଡେଶନ ମୁଖ୍ୟ ବିଜୟ ମହାକୁଡ଼ ଶିବିର ପରିଚାଳନା କରିଥିଲେ। ଫାଉଣ୍ଡେଶନର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜିନ୍ଦଲ ଷ୍ଟିଲ ଓଏଚ୍‌ସିର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିକିତ୍ସା ଭୂଷଣ ସମ୍ମାନ

ଯୋଡ଼ା,୬।୧(ମାନସ ମହାନ୍ତି)

ଜିନ୍ଦଲ ଷ୍ଟିଲର ବଡ଼ବିଲ ପେଲେଟ ପ୍ଲାଣ୍ଟସ୍ଥିତ ଅକ୍ୟୁପେସନାଲ ହେଲଥ ସେଣ୍ଟର (ଓଏଚସି)ର ମୁଖ୍ୟ ଚିକିତ୍ସାଧିକାରୀ ଡା. ରାମାନନ୍ଦ ପ୍ରସାଦଙ୍କୁ ଜାତୀୟସ୍ତରର ସମ୍ମାନଜନକ ପୁରସ୍କାର ଚିକିତ୍ସା ଭୂଷଣ– ୨୦୨୫ରେ ସମ୍ମାନିତ କରାଯାଇଛି। ଗୁରୁଗ୍ରାମରେ ଆୟୋଜିତ ଏକ ଉତ୍ସବରେ ବିହାରର ନଗର ଉନ୍ନୟନ ମନ୍ତ୍ରୀ ଜୀବେଶ କୁମାର ମିଶ୍ର ଓ ବଲିଉଡ଼ ଅଭିନେତା ଚଙ୍କି ପାଣ୍ଡେଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।



ଡା.ରାମାନନ୍ଦ ପ୍ରସାଦଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ବଡ଼ବିଲ ପେଲେଟ ପ୍ଲାଣ୍ଟ ଓଏଚସି ସମେତ ଡାକ୍ତର ରାମାନନ୍ଦ ଜିନ୍ଦଲ ଷ୍ଟିଲର କାଶିଆ ଓ ଟେନ୍ସା ମାଇନ୍ସସ୍ଥିତ ଓଏଚ୍‌ସି ପରିଚାଳନାର ମଧ୍ୟ ନେତୃତ୍ୱ ନେଉଛନ୍ତି। ନିଜର ନିୟମିତ ଦାୟିତ୍ୱ ସହ ବିଭିନ୍ନ ଜରୁରୀକାଳୀନ ପରିସ୍ଥିତିରେ ସେ ଅତ୍ୟନ୍ତ ନିଷ୍ଠାର ସହ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଗତ ଜୁନରେ ତୃତୀୟ ମହଲାରୁ ଖସିପଡ଼ି ଗୁରୁତର ଆହତ ହୋଇଥିବା ଜଣେ ଶିଶୁର ଜୀବନ ରକ୍ଷାରେ ଡାକ୍ତର ରାମାନନ୍ଦଙ୍କର ପ୍ରମୁଖ ଭୂମିକା ରହିଥିଲା। ତାଙ୍କର ଏହି ଜରୁରୀକାଳୀନ ଚିକିତ୍ସା ପରିଚାଳନା ଦକ୍ଷତାକୁ ବିଭିନ୍ନ ମହଲରେ ପ୍ରଶଂସା ମଧ୍ୟ କରାଯାଇଥିଲା। କୋଭିଡ୍ ସମୟରେ ମଧ୍ୟ ସେ ଅତ୍ୟନ୍ତ ନିଷ୍ଠାର ସହ ସେବା ଯୋଗାଇ ଦଶ ହଜାରରୁ ଅଧିକ ଲୋକଙ୍କ ଟୀକାକରଣ କରାଇଥିଲେ। ଏହା ସହିତ ସଫଳତାର ସହ ବହୁ ଗୁରୁତର କୋଭିଡ୍ ରୋଗୀଙ୍କର ଚିକିତ୍ସା କରିଥିଲେ। ଏହା ପୂର୍ବରୁ ଡାକ୍ତର ରାମାନନ୍ଦ ଅର୍ଦ୍ଧ ସାମରିକ ବଳରେ କାର୍ଯ୍ୟକରିବା ସହ ନିଜର ଉଲ୍ଲେଖନୀୟ ସେବା ପାଇଁ ଗଭର୍ଣ୍ଣର୍ସ ଗୋଲ୍ଡ ମେଡାଲ ମଧ୍ୟ ପାଇଛନ୍ତି।

# ହୋଟେଲ ବ୍ୟବସାୟକୁ ନେଇ ପଥର ମାଡ଼: ୬ ଗିରଫ

ବଡବିଲ, ୬।୧(ଜୟନ୍ତୀ ରଣା):

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଦାମୁ ହଟିଂରେ ରହୁଥିବା ଜଣେ ମହିଳାଙ୍କ ଘର ଉପରକୁ ଗତ ରବିବାର ବିଳମ୍ବିତ ରାତିରେ ଇଟା, ପଥର ମାଡ ଘଟଣାକୁ ନେଇ ପୋଲିସ ସୋମବାର ରାତିରେ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡବିଲ ଷ୍ଟେଶନ ରୋଡ ଅଞ୍ଚଳରେ ରହୁଥିବା ଉତ୍ତରପ୍ରଦେଶ ରାଜ୍ୟ ବଲିଆ ଜିଲା ମନିହାର ଥାନା ବାହାଦୁରା ଗ୍ରାମର ଧର୍ମେନ୍ଦ୍ର ଯାଦବ, ଯୋଡା ଥାନା କୋହ୍ଲ ହୁଣ୍ଡୁଳା ଗ୍ରାମର ମାନସ ରଞ୍ଜନ ପାତ୍ର, ଦାମୁ ହଟିଂ ଅଞ୍ଚଳର ମୁନା କାରୁଆ, ଚମ୍ପୁଆ ଥାନା କୋଦଗାଡିଆ ଗ୍ରାମର ସୁମିତ କୁମାର ଲୋହାର, ଯୋଡା ଥାନା ହୁଣ୍ଡୁଳା ଗ୍ରାମର ରାଜକିଶୋର ପାତ୍ର ଏବଂ ଯୋଡା ସହିଦ ନଗର ଅଞ୍ଚଳର ବିଜୟ ଜୋରା। ବଡବିଲ ଥାନା ଦାମୁହଟିଂ


ଗିରଫ ୬ ଅଭିଯୁକ୍ତ।

ଅଞ୍ଚଳରେ ପୁଷ୍ପଲତା ଦାସ ନାମ୍ନୀ ମହିଳା ସପରିବାର ରୁହନ୍ତି। ରବିବାର ବିଳମ୍ବିତ ରାତିରେ ପୁଷ୍ପଲତାଙ୍କ ଘର ଉପରକୁ କେହି ଦୁର୍ବୃତ୍ତ ଇଟା ଓ ପଥର ମାଡ କରିବା ସହ ଘର ଆଜବେଷ୍ଟସ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ପୁଷ୍ପଲତା ଓ ତାଙ୍କ ସ୍ୱାମୀ ସେଠାରୁ ଖସିଯାଇଥିଲେ। କୌଣସି ଏକ ପୂର୍ବ ହୋଟେଲ ଶତ୍ରୁତାକୁ ନେଇ ସେହି ଅଞ୍ଚଳର ସୁନୀଲ ପାତ୍ରଙ୍କ ଇଙ୍ଗିତରେ ଦୁର୍ବୃତ୍ତମାନେ ଏହି କାଣ୍ଡ ଭିଆଇଥିବା ନେଇ ପୁଷ୍ପଲତା ଓ ତାଙ୍କ ସ୍ୱାମୀ ସୋମବାର ବଡବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବଡବିଲ ଥାନାରେ ମାମଲା(ନଂ. ୩/୨୦୨୫) ରୁଜୁ କରି ସେହି ଅଞ୍ଚଳରେ ଚଢାଉ କରିଥିଲା। ମୁଖ୍ୟ ଅଭିଯୁକ୍ତ ସୁନୀଲ ପାତ୍ର ଖସିଯିବାକୁ ସକ୍ଷମ ହୋଇଥିଲାବେଳେ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଏକ ସ୍କର୍ପିଓ ଓ ଏକ ପଲସର କୁ ଜବତ କରିଥିଲା।

## ଟ୍ରାକ୍ଟର ପଛରେ ଧକ୍କାହୋଇ ବାଇକ୍ ଆରୋହୀ ମୃତ

ପାଟଣା,୬।୧(ବୀରକିଶୋର ଦାଶ):

କେନ୍ଦୁଝର ଜିଲା ସାହାରପଡ଼ା ଫାଣ୍ଡି ଅଧୀନ ସାହାରପଡ଼ା-ଉଦୟପୁର ରାସ୍ତାର ଦୁବେଇପେଣ୍ଟ ନିକଟରେ ସୋମବାର ରାତିରେ ଛିଡ଼ା ହୋଇଥିବା ଏକ ଟ୍ରାକ୍ଟର ପଛପଟେ ଧକ୍କାହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାତରପାଣି ଗ୍ରାମର ନରେନ୍ଦ୍ର ମହାନ୍ତ(୩୫)। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ସାହାରପଡ଼ା ଫାଣ୍ଡି ଏଏସ୍‌ଆଇ ପଞ୍ଚମି ମହାନ୍ତ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୮/୨୬) ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି।

## ପୋଷ୍ଟ ଅଫିସରୁ ଚୋରି

ପାଟଣା,୬।୧(ବୀର କିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡିସ୍ଥିତ ବ୍ରାଞ୍ଚ ପୋଷ୍ଟ ଅଫିସରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ସୋମବାର ରାତିରେ ଗାଁ ଭିତରେ ଥିବା ପୋଷ୍ଟ ଅଫିସର ଟାଇଲ ଓ ସିଲିଙ୍ଗି ପଟା ତାଡି ୧ ଲକ୍ଷ ୨୬ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ପୋଷ୍ଟ ମାଷ୍ଟର ଜଗଦୀଶ ସାହୁ ପୋଷ୍ଟାଲ ଇନ୍ସପେକ୍ଟରଙ୍କୁ ଅବଗତ କରିଥିବା କହିଛନ୍ତି। ବୁଧବାର ବିଭାଗ ସହ ବିଚାର ବିମର୍ଶ କରିବା ପରେ ଥାନାରେ ମାମଲା କରିବେ ବୋଲି ପୋଷ୍ଟ ମାଷ୍ଟର ସାହୁ କହିଛନ୍ତି।

# ୮ରୁ କଳିଙ୍ଗ ହର୍ବାଲ ମେଳା

## ସାମିଲ ହେବେ ଦକ୍ଷ କବିରାଜ,ଆୟୁର୍ବେଦିକ ଡାକ୍ତର

କେନ୍ଦୁଝର, ୬।୧(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲାରେ ବନ ବିଭାଗ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ଦ୍ୱାରା ଆୟୋଜିତ କଳିଙ୍ଗ ହର୍ବାଲ ମେଳା ଆସନ୍ତା ୮ ତାରିଖରୁ କାଳି ପଡ଼ିଆରେ ଆରମ୍ଭ ହେବ। ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦୁଝର ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ଧନରାଜ ଏଚ.ଡି ଏହି ସୂଚନା ଦେଇଛନ୍ତି। ପାରମ୍ପରିକ ଚିକିତ୍ସା ତଥା ଜଡିବୁଟି ଔଷଧର ପ୍ରଚାର ପ୍ରସାର କରିବା ଏଭଳି ମେଳା ଆୟୋଜନର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହି ମେଳାରେ ରାଜ୍ୟର ବିଭିନ୍ନ ଜିଲାରୁ ଅଭିଜ୍ଞ ବୈଦ୍ୟ ତଥା କବିରାଜ ଓ ଆୟୁର୍ବେଦିକ ଡାକ୍ତରମାନେ ଯୋଗଦେବେ। ମେଳାରେ ୭୫ଟି ଷ୍ଟଲ ଖୋଲାଯାଇ ଆୟୁର୍ବେଦିକ ଔଷଧ ତଥା ଜଡିବୁଟି ବିକ୍ରି କରିବାର ବ୍ୟବସ୍ଥା ହୋଇଛି।

୫ ଦିନ ବ୍ୟାପି ଅନୁଷ୍ଠିତ ହେବାକୁଥିବା ଏହି ମେଳାକୁ ଜଙ୍ଗଲ ପରିବେଶ ଓ ଜଳବାୟୁ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଉଦ୍‌ଘାଟନ କରିବେ। ଏହି ଅବସରରେ ବୈଦ୍ୟ ଓ ଆୟୁର୍ବେଦିକ ଡାକ୍ତରଙ୍କ ସମ୍ମିଳନୀ ଆୟୋଜିତ ହେବ ଏବଂ ଏହି ମେଳାରେ ପୁରାତନ ରୋଗ ଉପଚାର ସମ୍ପର୍କରେ ଆଲୋଚନା ହେବ ବୋଲି ସୂଚନା ଦେଇଛନ୍ତି। ପ୍ରତ୍ୟେକ ଦିନ ସକାଳ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ମେଳା ଖୋଲା ରହିବ ଏବଂ କବିରାଜ ଓ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସେହିପରି ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଏହି ମେଳାକୁ ଅଧିକ ସଂଖ୍ୟାରେ ଜନସାଧାରଣ ଆସି ବୁଲିବା ସହ ସ୍ୱାସ୍ଥ୍ୟ ପରାମର୍ଶ ନେବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଏହି ମେଳାରେ ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, ଦେବଗଡ଼ ଜିଲାର ଦକ୍ଷ ବୈଦ୍ୟ ଓ ଆୟୁର୍ବେଦିକ ଡାକ୍ତରମାନେ ଯୋଗଦେବେ ବୋଲି ଡିଏଫଓ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଏଏଫ୍‌ଏସ୍ ପ୍ରତୀକ ଇନ୍ଦଲକର, ଏସିଏଫ୍ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ମେଳା ସମ୍ପର୍କରେ ସୂଚନା ଦେଇଥିଲେ।

# ସମ୍ବର୍ଦ୍ଧିତ ହେଲେ ସଫଳ ଚାଷୀ

କେନ୍ଦୁଝର, ୬।୧
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଦୁଇଦିନିଆ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଚନ୍ଦ୍ରଶେଖର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗଦେଇ ଏହି ମେଳା ଚାଷୀଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ତେଲକୋଇ ବିଧାୟକ ଡ.ଫକୀର ମୋହନ ନାୟକ ଯୋଗଦେଇ ଚାଷୀମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ।

ମତ୍ସ୍ୟ ଉପ ନିର୍ଦ୍ଦେଶକ ପ୍ରମୋଦ କୁମାର ରାଉତ ଓ ଅତିରିକ୍ତ ଜିଲା ପ୍ରାଣୀ ଅଧିକାରୀ ରାମଚନ୍ଦ୍ର ମହାନ୍ତି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମୟଶ୍ରୀ ଚାଟାର୍ଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା



ଅତିଥିମାନେ ଜଣେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ବେଳେ ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ଉମେଶ ଚନ୍ଦ୍ର ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋପାଳନ କ୍ଷେତ୍ରରେ ସଫଳତା ପାଇଁ ତେଲକୋଇ ବ୍ଲକର ଚାଷୀ ଚନ୍ଦନ ପାଲ୍, ଘୁଷୁରି ପାଳନ କ୍ଷେତ୍ରରେ ସାହାରପଡ଼ା ବ୍ଲକର ଭାନୁମତୀ ମହାନ୍ତ, ମାଛ ଚାଷ ପାଇଁ ଚମ୍ପୁଆ ବ୍ଲକର ଦେବୀ ସ୍ୱୟଂସହାୟକ ଗୋଷ୍ଠୀ ଏବଂ ମାଛ ଯାଆଁଳ ଉତ୍ପାଦନ ପାଇଁ ସଦର ବ୍ଲକର ଜୟନ୍ତ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମେଳାରେ ବିଭିନ୍ନ ବିଭାଗର ମୋଟ ୨୭ଟି ଷ୍ଟଲ୍ ପଡ଼ିଛି। ସଭା ପରେ ପ୍ରଥମାର୍ଦ୍ଧରେ ଚାଷୀ ଓ ବୈଜ୍ଞାନିକମାନଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡା. ବିନୟ ଭୂଷଣ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ଲିପ୍ସା ଦାସ, ଉଦ୍ୟାନ କୃଷି ଡିପ୍ଲୋମା ସ୍କୁଲର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦାସ, ସାହାରପଡ଼ା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୁରଜ କୁମାର ପ୍ରଧାନ, ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ସରୋଜ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଶେଷରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

